GOVERNMENT OF ORISSA

ଓଡ଼ିଶା ସରକାର

# The Orissa Prohibition of Alienation of land Act, 1972

## Orissa Act 16 of 1972

## ଓଡିଶା ଭୂମି ହସ୍ତାନ୍ତରଣ ନିଷେଧ ଅଧିନିୟମ, ୧୯୭୨

## ୧୯୭୨ର ଓଡିଶା ଅଧିନିୟମ ୧୬

**LAW DEPARTMENT**

ବିଧି ବିଭାଗ

[ *Price—Re. 0·42 Paise* ]

# ଓଡ଼ିଶା ଭୂମି ହସ୍ତାନ୍ତରଣ ନିଷେଧ ଅଧିନିୟମ, ୧୯୭୨

## ସୂଚୀପତ୍ର

ପ୍ରସ୍ତାବନା

ଧାରାବଳୀ


୧ । ସଂକ୍ଷିପ୍ତ ନାମ ବିସ୍ତାର ଓ ପ୍ରାରମ୍ଭ

୨ । କେତେକ ନିର୍ଦ୍ଦେଶାତ୍ମକ ପଦ୍ଧତିକୁ ପ୍ରଭାବଶୀଳ କରିବା ବିଷୟରେ ଘୋଷଣା

୩ । ସଂଜ୍ଞା

୪ । ବିନିର୍ଦ୍ଦିଷ୍ଟ ସୀମା

୫ । କେତେକ ବ୍ୟକ୍ତିଙ୍କ ଦ୍ୱାରା ଭୂମି ହସ୍ତାନ୍ତରଣ ସଂପର୍କୀୟ ନିଷେଧ

୬ । କେଉଁ ତାରିଖରୁ ରେଜେଷ୍ଟ୍ରୀ ଭୁକ୍ତ ଦଲିଲ କାର୍ଯ୍ୟକାରୀ ହୁଏ

୭ । ଅବ୍ୟାହତି

୮ । ନିୟମାବଳୀ ପ୍ରଣୟନ କରିବା କ୍ଷମତା

୯ । ଅନ୍ୟାନ୍ୟ ବିଧି, ଆଗ୍ରହ ଆଦିକୁ ଅଧ୍ୟାରୋହଣ କରିବା ନିମିତ୍ତ ଅଧିନିୟମ

୧୦ । ନିରସନ ଓ ବ୍ୟାବୃତ୍ତି

# ୧୯୭୨ର ଓଡ଼ିଶା ଅଧିନିୟମ ୧୭

# ଓଡ଼ିଶା ଭୂମି ହସ୍ତାନ୍ତରଣ ନିଷେଧ ଅଧିନିୟମ, ୧୯୭୨

---

ଓଡ଼ିଶା ରାଜ୍ୟରେ କେତେକ ବ୍ୟକ୍ତିଙ୍କ ଦ୍ୱାରା ଭୂମି ହସ୍ତାନ୍ତରଣ ନିଷେଧ କରିବା ନିମିତ୍ତ ଏକ ଅଧିନିୟମ

ଭାରତ ଗଣରାଜ୍ୟର ତ୍ରୟୋବିଂଶତିତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନ ମଣ୍ଡଳ ଦ୍ୱାରା ଏହା ନିମ୍ନୋକ୍ତ ରୂପେ ଅଧିନିୟମିତ ହେଉ :—

**ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ**

୧ । (୧) ଏହି ଅଧିନିୟମ ଭୂମି ହସ୍ତାନ୍ତରଣ ନିଷେଧ ଅଧିନିୟମ, ୧୯୭୨ ନାମରେ ଅଭିହିତ ହେବ ।

(୨) ଏହା ସମଗ୍ର ଓଡ଼ିଶା ରାଜ୍ୟ ପ୍ରତି ବିସ୍ତୃତ ।

(୩) ଏହା ତତ୍‌କ୍ଷଣାତ୍ ପ୍ରବୃତ୍ତ ହେବ ।

**କେତେକ ନିର୍ଦ୍ଦେଶାତ୍ମକ ପଦ୍ଧତିକୁ ପ୍ରଭାବଶାଳୀ କରିବା ବିଷୟରେ ଘୋଷଣା**

୨ । ଏହା ଏତଦ୍ୱାରା ଘୋଷଣା କରଯାଉଛି ଯେ ଭାରତ ସଂବିଧାନର ଅନୁଚ୍ଛେଦ ୩୯ର ଖଣ୍ଡ (ଖ) ଓ (ଗ)ରେ ବିନିର୍ଦ୍ଦିଷ୍ଟ ପଦ୍ଧତିର ସୁରକ୍ଷା ପ୍ରତି, ରାଜ୍ୟର ନୀତିକୁ ପ୍ରଭାବଶାଳୀ କରିବା ନିମନ୍ତେ ଏହି ଅଧିନିୟମ ଅଟେ ।

**ସଂଜ୍ଞା**

୩ । ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନଥିଲେ, ଏହି ଅଧିନିୟମରେ—

(କ) 'ବ୍ୟକ୍ତି' କୌଣସି କମ୍ପାନୀ ବା ଅନ୍ୟ କୌଣସି ନିଗମ ନିକାୟ ବା କୌଣସି ଅବିଭକ୍ତ ହିନ୍ଦୁ ମିତାକ୍ଷର ପରିବାରକୁ ଅନ୍ତର୍ଗତ କରିବ ;

(ଖ) 'ବିନିର୍ଦ୍ଦିଷ୍ଟ ସୀମା' କହିଲେ ବିନିର୍ଦ୍ଦିଷ୍ଟ ସୀମା ରୂପେ ଧାରା ୪ରେ ବିନିର୍ଦ୍ଦିଷ୍ଟ ଭୂମିର ପରିମାଣକୁ ବୁଝାଇବ ;

(ଗ) 'ଷ୍ଟାଣ୍ଡାର୍ଡ ଏକର' କହିଲେ—

(/) ଯେଉଁ ଜଳସେଚିତ ଭୂମିରେ ଦୁଇ ବା ଅଧିକ ଫସଲ କରଯାଏ ବା କରଯାଇ ପାରିବ, ତାହାର ଏକ ଏକର; ବା

(//) ଯେଉଁ ଜଳସେଚିତ ଭୂମିରେ ଏକାଧିକ ଫସଲ କରା ନଯାଏ ବା କରଯାଇପାରିବ ନାହିଁ, ତାହାର ଦେଢ଼ ଏକର ; ବା

(///) ଜଳସେଚିତ ଭୂମି ଭିନ୍ନ, ଯେଉଁ ଭୂମିରେ ଧାନ ବା ଅନ୍ୟ କୌଣସି ଶସ୍ୟ ଜାତୀୟ ଫସଲ କରଯାଏ ବା କରଯାଇପାରିବ ତାହାର ଦୁଇ ଏକର ; ବା

(।) ଅନ୍ୟ କୌଣସି ଭୂମିର ତିନି ଏକର ସହ ସମତୁଲ ଭୂମି ମାପର ୟୁନିଟକୁ ବୁଝାଇବ ;

(ଘ) 'ନ୍ୟାସ' କୌଣସି ଦାତବ୍ୟ ବା ଧାର୍ମିକ ପ୍ରକୃତିର ସର୍ବସାଧାରଣ ଉଦ୍ଦେଶ୍ୟରେ ସୃଷ୍ଟ କୌଣସି ନ୍ୟାସକୁ ଅନ୍ତର୍ଗତ କରିବ ନାହିଁ ;

(ଙ) ଏହି ଅଧିନିୟମରେ ବ୍ୟବହୃତ ମାତ୍ର ଏଠାରେ ସଂଜ୍ଞାକୃତ ହୋଇ ନଥିବା ପଦ ଓ ଅଭିବ୍ୟକ୍ତିମାନଙ୍କର ଅର୍ଥ ଓଡ଼ିଶା ଭୂସଂସ୍କାର ଅଧିନିୟମ, ୧୯୬୦ ଅଧୀନରେ ସେଗୁଡ଼ିକୁ ସମାନୁଦେଶିତ ଏକା ଅର୍ଥ ହେବ ।

**ବିନିର୍ଦ୍ଦିଷ୍ଟ ସୀମା**

୪ । ଧାରା ୫ ଉଦ୍ଦେଶ୍ୟରେ ଭୂମିର ବିନିର୍ଦ୍ଦିଷ୍ଟ ସୀମା ଦଶ ଷ୍ଟାଣ୍ଡାର୍ଡ ଏକର ବା ୪.୦୪୬୮ ଷ୍ଟାଣ୍ଡାର୍ଡ ହେକ୍‌ଟର ହେବ ।

ସ୍ପଷ୍ଟୀକରଣ—ସଂପରିବର୍ତ୍ତନ ଉଦ୍ଦେଶ୍ୟରେ ଏକ ଷ୍ଟାଣ୍ଡାର୍ଡ ଏକର ୦.୪୦୪୭ ଷ୍ଟାଣ୍ଡାର୍ଡ ହେକ୍‌ଟର ସହ ସମାନ ହେବ ।

କେତେକ ବ୍ୟକ୍ତିଙ୍କ-ଦ୍ୱାରା ଭୂମି ହସ୍ତାନ୍ତରଣ ସମ୍ପର୍କୀୟ ନିଷେଧ ।

୫ । (୧) ଏହି ଅଧିନିୟମର ପ୍ରାରମ୍ଭ ତାରିଖରେ ଅଥବା ତାହାପରେ ଯୋଉଣସି ସମୟରେ ଯେଉଁ ବ୍ୟକ୍ତିଙ୍କର ମୋଟ ଭୂମି ବିନିର୍ଦ୍ଦିଷ୍ଟ ସୀମାକୁ ଅତିକ୍ରମ କରେ ସେ ସେପରି ଭୂମି ବା ତାହାର କୌଣସି ଅଂଶକୁ ବିକ୍ରୟ, ଉପହାର, ବିନିମୟ, ଭୋଗବନ୍ଧକ ସୂତ୍ରେ ବା ଅନ୍ୟଥା ହସ୍ତାନ୍ତର କରିବେ ନାହିଁ କିମ୍ବା ସେପରି ଭୂମି ବା ତାହାର କୌଣସି ଅଂଶର ବିଭାଜନ କରିବେ ନାହିଁ ବା କୌଣସି ନ୍ୟାସ ସୃଷ୍ଟି କରିବେ ନାହିଁ ଏବଂ ଏହି ଧାରାର ଉଲ୍ଲଙ୍ଘନ କରି କରାଯାଇଥିବା ହସ୍ତାନ୍ତରଣ ବା ବିଭାଜନ ବା ସୃଷ୍ଟ ନ୍ୟାସ ଅସିଦ୍ଧ ଓ ଅଚଳ ହେବ ।

(୨) ଉପଧାରା (୧)ର ଉପବନ୍ଧମାନ, କୌଣସି ଦେଓ୍ୱାନୀ ନ୍ୟାୟାଳୟର କୌଣସି ଡିକ୍ରି ବା ଆଦେଶର ଅଥବା ଅନ୍ୟ କୌଣସି ପ୍ରାଧିକାରୀଙ୍କର କୌଣସି ଅଧିନିର୍ଣ୍ଣୟ ବା ଆଦେଶର ନିଷ୍ପାଦନରେ କୌଣସି ବ୍ୟକ୍ତିଙ୍କ କୌଣସି ଭୂମିର ବିକ୍ରୟ ପ୍ରତି ପ୍ରୟୋଗ କରାଯିବ ନାହିଁ :

ପରନ୍ତୁ ଏହି ଧାରାରେ ଅନ୍ତର୍ବିଷ୍ଟ କୌଣସି କଥା—

(କ) ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମ ୧୯୩୪ର ଅର୍ଥ ମଧ୍ୟରେ ଥିବା କୌଣସି ଅନୁସୂଚିତ ବ୍ୟାଙ୍କପକ୍ଷରେ ଅଥବା ଯେଉଁ ବ୍ୟାଙ୍କ ପ୍ରତି ଓଡ଼ିଶା ସମବାୟ ସମିତି ଅଧିନିୟମ, ୧୯୬୨ ପ୍ରୟୋଗ କରଯାଏ ତାହା ପକ୍ଷରେ ନିଷ୍ପାଦିତ ବନ୍ଧକ ସୂତ୍ରେ କୌଣସି ହସ୍ତାନ୍ତରଣ ପ୍ରତି ; ବା

(ଖ) ସେପରି କୌଣସି ବ୍ୟାଙ୍କର ବକେୟା ଦେୟର ଅସୁଲ ଲାଗି ଉପରୋକ୍ତ କୌଣସି ଡିକ୍ରି ଆଦେଶ ବା ଅଧିନିର୍ଣ୍ଣୟର ନିଷ୍ପାଦନରେ ଭୂମିର କୌଣସି ବିକ୍ରୟ ପ୍ରତି ; ପ୍ରୟୋଗ କରଯିବ ନାହିଁ ।

କେଉଁ ତାରିଖରୁ ରେଜେଷ୍ଟ୍ରୀଭୁକ୍ତ ଦଲିଲ କାର୍ଯ୍ୟକାରୀ ହୁଏ

୬ । ଭାରତୀୟ ରେଜେଷ୍ଟ୍ରୀ କରଣ ଅଧିନିୟମ, ୧୯୦୮ର ଧାରା ୪୭ରେ ଯାହାକିଛି ଅନ୍ତର୍ବିଷ୍ଟ ଥିବା ସତ୍ତ୍ୱେ, ଏହି ଅଧିନିୟମର ପ୍ରାରମ୍ଭରେ ବା ପରେ ଭୂମିର ହସ୍ତାନ୍ତରଣ ବା ବିଭାଜନ ଅଥବା ରେଜେଷ୍ଟ୍ରୀଭୁକ୍ତ କୌଣସି ଭୂମିର କୌଣସି ନ୍ୟାସର ସୃଷ୍ଟି ସମ୍ପର୍କିତ କୌଣସି ଦଲିଲ, ଧାରା ୫ ଉଦ୍ଦେଶ୍ୟରେ, କେବଳ ସେପରି ରେଜେଷ୍ଟ୍ରୀ କରଣ ସମୟରୁ ପ୍ରଭାବଶୀଳ ହେବ ଏବଂ କାର୍ଯ୍ୟକାରୀ ହେବ ।

ଅବ୍ୟାହତି

୭ । ଏହି ଅଧିନିୟମରେ ଥିବା କୌଣସି କଥା—

(କ) (୧) କମ୍ପାନୀ ଅଧିନିୟମ, ୧୯୫୬ର ଧାରା ୬୧୭ରେ ସଂଜ୍ଞାକୃତ ହୋଇଥିବା କୌଣସି ସରକାରୀ କମ୍ପାନୀ ଦ୍ୱାରା; ବା

(୨) କୌଣସି କେନ୍ଦ୍ରୀୟ ବା ରାଜ୍ୟ ଅଧିନିୟମ ଦ୍ୱାରା ବା ତାହା ଅଧୀନରେ ସ୍ଥାପିତ କେନ୍ଦ୍ରସରକାର କୌଣସି ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ବା ପରିଚାଳିତ ହେଉଥିବା ନିଗମ ଦ୍ୱାରା ;

ନିଜସ୍ୱ ହୋଇଥିବା, ନିୟନ୍ତ୍ରିତ ବା ପରିଚାଳିତ କରଯାଇଥିବା କୌଣସି ଉଦ୍ୟୋଗ ଦ୍ୱାରା—

(ଖ) କୌଣସି ସର୍ବସାଧାରଣ ସ୍ୱରୂପର କୌଣସି ଧାର୍ମିକ ବା ଦାତବ୍ୟ ସଂସ୍ଥା ଦ୍ୱାରା; ଧାରିତ ଭୂମି ପ୍ରତି ପ୍ରୟୋଗ କରଯିବ ନାହିଁ ।

ନିୟମାବଳୀ ପ୍ରଣୟନ କରିବା କ୍ଷମତା

୮ । ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକୁ ପାଳନ କରିବା ଲାଗି ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିପାରିବେ ।

ଅନ୍ୟାନ୍ୟ ବିଧି, ଆଚାର ଆଦିକୁ ଅଧ୍ୟାରୋହଣ କରିବା ନିମିତ୍ତ ଅଧିନିୟମ

୯ । ଏହି ଅଧିନିୟମର ଉପବନ୍ଧମାନଙ୍କର ତତ୍‌ସମୟ ପ୍ରବୃତ୍ତଥିବା ଅନ୍ୟ କୌଣସି ବିଧିରେ ବା କୌଣସି ଆଚାର, ପ୍ରଥା ବା ରାଜିନାମାରେ ବା କୌଣସି ନ୍ୟାୟାଳୟ ଅଧିକରଣ ବା ଅନ୍ୟ ପ୍ରାଧିକାରୀଙ୍କ ଡିକ୍ରି ବା ଆଦେଶରେ ତତ୍‌ସହିତ ଯାହାକିଛି ପ୍ରତିକୂଳ ଥିବା ସତ୍ତ୍ୱେ, ପ୍ରଭାବ ରହିବ ।

ନିରସନ ଓ ବ୍ୟାବୃତ୍ତି

୧୦ । (୧) ଓଡ଼ିଶା ଭୂମି ହସ୍ତାନ୍ତରଣ ନିଷେଧ ଅଧ୍ୟାଦେଶ, ୧୯୭୨ ଏତଦ୍ୱାରା ନିରସିତ ହେଲା ।

(୨) ସେପରି ନିରସନ ସତ୍ତ୍ୱେ, ଉକ୍ତ ଅଧ୍ୟାଦେଶ ଅଧୀନରେ କରଯାଇଥିବା କୌଣସି ବିଷୟ ବା ଗ୍ରହଣ କରଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନ ସତେ ଯେପରି ଏହି ଅଧିନିୟମ ଯେଉଁଦିନ ସେପରି କିଛି କରଗଲା ବା ସେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଗଲା ସେହି ଦିନ ପ୍ରବୃତ୍ତ ଥିଲା ସେହିପରି ଏହି ଅଧିନିୟମ ଅଧୀନରେ କରଯାଇ ଛି ବା ଗ୍ରହଣ କରଯାଇଅଛି ବୋଲି ବିବେଚିତ ହେବ ।

OG/SBP—(Law)-5- 1,000 –11-10-1976